No. of Printed Pages : 3

Sem-II-Odia-CC-3(R&B)

# 2022

***Time - 3 hours***

***Full Marks - 80***

*Answer **both groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଯେକୌଣସି ୧୦ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ଗୋଟିଏ ବା ଦୁଇଟି ବାକ୍ୟରେ ପ୍ରଦାନ କର । [୨ × ୧୦

(କ) ବାମଣ୍ଡା ପ୍ରେସ୍ କେବେ ସ୍ଥାପିତ ହୋଇଥିଲା ଓ ଏଥିରୁ କେଉଁ ପତ୍ରିକା ପ୍ରକାଶିତ ହେଉଥିଲା ?

(ଖ) 'ଉତ୍କଳ ପୁତ୍ର'ର ସମ୍ପାଦକ କିଏ ଓ ଏହା କେଉଁ ମସିହାରେ ପ୍ରଥମେ ଆତ୍ମପ୍ରକାଶ କରିଥିଲା ?

(ଗ) 'ଇନ୍ଦ୍ରଧନୁ ଓ ବିଜୁଳି' କେଉଁ କେଉଁ ସ୍ଥାନରୁ ପ୍ରକାଶିତ ହୋଇଥିଲା ?

(ଘ) 'ତୁଳସୀ ସ୍ତବକ'ର ରଚୟିତା କିଏ ? ଏହାର ଉପଦେଶାବଳୀ କେଉଁ ପୁସ୍ତକରୁ ଅନୁଦିତ ?

(ଙ) କଞ୍ଚୁକୀ କିଏ ? ଏହା କେଉଁ କାବ୍ୟର ଚରିତ୍ର ?

(ଚ) 'ନିର୍ବାସିତର ବିଳାପ' କବିତାର କବିଙ୍କ ନାମ ଲେଖ ଓ ଏହି କବିତା କେଉଁ ଇଂରାଜୀ କବିଙ୍କ କବିତା ଅନୁସରଣରେ ଲିଖିତ ?

(ଛ) ତୃଣବିନ୍ଦୁ କିଏ ? ସେ କେଉଁ କାବ୍ୟର ଚରିତ୍ର ଅଟନ୍ତି ?

(ଜ) କୀଚକର ପରିଚୟ କଣ ଓ ସେ କାହା ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇଥିଲେ ?

(ଝ) 'ବସନ୍ତ ଗାଥା' କେଉଁ ପ୍ରକାର କବିତା ଗ୍ରନ୍ଥ ? ଏହାର ରଚୟିତାଙ୍କର ନାମ ଲେଖ।

(ଞ) କେଉଁ ପତ୍ରିକାରେ ଧୂର୍ଜଟୀ ନାମରେ ଫକୀରମୋହନଙ୍କ 'ରେବତୀ' ଗଳ୍ପ ପ୍ରକାଶ ପାଇଥିଲା ?

(ଟ) କେଉଁ ପତ୍ରିକାରେ ଧାରାବାହିକ ଭାବେ 'ଲଛମା' ଉପନ୍ୟାସ ପ୍ରକାଶ ପାଇଥିଲା ଓ ଏହି ଉପନ୍ୟାସର ପ୍ରଥମ ନାମ କଣ ଥିଲା ?

(ଠ) 'ନଚିକେତା ଉପାଖ୍ୟାନ' କାବ୍ୟ ପୁସ୍ତକଟି କାହାଦ୍ୱାରା ରଚିତ ଓ କେଉଁ ଉପନିଷଦର କଥାବସ୍ତୁ ଅବଲମ୍ବନରେ ଏହା ରଚିତ ?

(ଡ) 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' – ଏହାର ଲେଖକ କିଏ ? ଏହି ପୁସ୍ତକ ପାଇଁ ସେ କେଉଁ ପୁରସ୍କାର ପାଇଥିଲେ ?

(ଢ) 'ନନ୍‌ସେନ୍‌ସ କ୍ଲବ'ର ମୁଖପତ୍ରର ନାମ କଣ ଥିଲା ଓ ଏହା କେଉଁ କବିମାନଙ୍କ ନାମ ଆଧାରରେ ନାମିତ ହୋଇଥିଲା।

(ଣ) ନବଯୁଗ ସାହିତ୍ୟ ସଂସଦର ମୁଖପତ୍ରର ନାମ କଣ ? ଏହା କେବେ ଆତ୍ମ ପ୍ରକାଶ କରିଥିଲା ?

## GROUP - B

ଯେକୌଣସି ୪ଟି ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର। [୧୫ × ୪

୨। ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମିର ବିଭିନ୍ନ ଦିଗ ଉପରେ ଆଲୋକପାତ କର।

୩। ରାଧାନାଥ କାବ୍ୟ ସାହିତ୍ୟର ବୈଶିଷ୍ଟ୍ୟ ନିରୂପଣ କର।





୪। ଫକୀରମୋହନଙ୍କ କଥା ସାହିତ୍ୟରେ ସାମାଜିକ ଚେତନା ସମ୍ପର୍କରେ ଆଲୋଚନା କର।

୫। ସତ୍ୟବାଦୀ ସାହିତ୍ୟର ଆଭିମୁଖ୍ୟ ବର୍ଣ୍ଣନା କର।

୬। କବି ଗୋପବନ୍ଧୁ ଦାସଙ୍କ କବିତାର ଭାବବୈଚିତ୍ର୍ୟ ବିଚାର କର।

୭। ସବୁଜ ଚେତନାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କର।

୮। ପ୍ରଗତିବାଦୀ ସାହିତ୍ୟ ଉଗ୍ରଜାତୀୟତାବାଦର ପରିଚାୟକ – ବିଚାର କର।